# ODM PUBLIC SCHOOL

SESSION : 11
CLASS : v
SUBJECT : (ଓଡ଼ିଆ)
CHAPTER NUMBER: 6
CHAPTER NAME:ମାନିଆରୁ ମାଡାମ କ୍ୟୁରୀ
SUBTOPIC : ବହି ପ୍ରଶ୍ନଉତ୍ତର,ପ୍ରଶ୍ନ ୩ କ,ଖ (ସରଳାର୍ଥ)

ODM EDUCATIONAL GROUP
Changing your Tomorrow
CHANGING YOUR TOMORROW
Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# LEARNING OBJECTIVE

ସରଳାର୍ଥ ଆଲୋଚନା ମାଧ୍ୟମରେ ଲବ୍ଧଜ୍ଞାନ ।

# ପ୍ରଶ୍ନ୩- ସରଳ ଭାବରେ ବୁଝାଇ ଲେଖିବା ।

ODM EDUCATIONAL GROUP
Changing your Tomorrow

୩ (କ) 'ଏହି ଗୌରବରେ ପିତାଙ୍କର ହୃଦୟ ଫୁଲିଉଠିଲା' ।

ଉକ୍ତ ଗଦ୍ୟାଂଶଟି ଆମ ପଠିତ ଶୈଳେଶ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ମାନିଆରୁ ମାଡାମ କ୍ୟୁରୀ'ବିଷୟରୁ ଆସିଅଛି ।ଏଠାରେ ଲେଖକ ପ୍ରତିକୂଳ ପରିସ୍ଥିତିରେ ମାନିଆ କିପରି ପରୀକ୍ଷାରେ ସଫଳତା ଲାଭ କରିଥିଲେ,ସେ ବିଷୟରେ ବର୍ଣ୍ଣନା କରିଛନ୍ତି ।

ମାନିଆ ଜୀବନରେ ବହୁ ଦୁଃଖକଷ୍ଟ,ଝଡଝଞ୍ଜା ସହିଥିଲେ । ତାଙ୍କୁ ଯେତେବେଳେ ଦଶବର୍ଷ ତାଙ୍କ ମାଆଙ୍କର ଦେହାନ୍ତ ହୋଇଗଲା । ବଡ଼ ଭଉଣୀ ଟାଇଫଏଡ଼ ରୋଗରେ ମୃତ୍ୟୁବରଣ କଲେ । ଘରର ସବୁ ଦାୟିତ୍ୱ ମାନିଆଙ୍କ ଉପରେ ପଡ଼ିଲା । ତଥାପି ସେ ପଢୁଥାନ୍ତି । ଶ୍ରେଣୀରେ ତାଙ୍କ ସ୍ଥାନ ସବୁବେଳେ ପ୍ରଥମ । ମାଧ୍ୟମିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ସ୍ୱର୍ଣ୍ଣପଦକ ଲାଭ କଲେ ।ଏହି ଗୌରବରେ ପିତାଙ୍କ ହୃଦୟ ପୁରି ଉଠିଲା ।ବହୁ ଘାତପ୍ରତିଘାତ ମଧ୍ୟରେ ମାନିଆ ଏହି ସଫଳତା ଲାଭ କରିଥିଲେ ।

ଏଠାରେ ଲେଖକଙ୍କ ବର୍ଣ୍ଣନାଟି ସୁନ୍ଦର ହୋଇଛି ।

# ପ୍ରଶ୍ନ ୩-(ଖ)ସତେ ଯେପରି ଉକ୍ଟ ଦାରିଦ୍ର୍ୟ ମହାବଳ ବାଘଭଳି ପଞ୍ଝା ଖୋଲି ଶୀତ ରୂପରେ ତାଙ୍କୁ ମାଡ଼ିବସେ ।

ODM EDUCATIONAL GROUP
Changing your Tomorrow

୩-(ଖ) ଉକ୍ତ ଗଦ୍ୟାଂଶଟି ଆମ ପଠିତ ଶୈଳେଶ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ମାନିଆରୁ ମାଡାମ କ୍ୟୁରୀ'ବିଷୟରୁ ଆସିଅଛି । ଏଠାରେ ଲେଖକ ପାଠପଢା ସମୟରେ ମାନିଆଙ୍କ ଦାରୁଣ ଦୁଃଖ ବିଷୟରେ ବର୍ଣ୍ଣନା କରିଛନ୍ତି ।

କଲେଜ ପାଠ ପଢିବା ପାଇଁ ମାନିଆଙ୍କୁ ବହୁ ଦୁଃଖକଷ୍ଟ ସହିବାକୁ ପଡ଼ିଥିଲା । ଟିଉସନ କରି କିଛି ଅର୍ଥ ଯୋଗାଡ଼ କରି ମାନିଆ ପ୍ୟାରିସ ଚାଲିଗଲେ ।ସେଠାରେ ପ୍ରସିଦ୍ଧ ସରବନ୍ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲେ । ରାତିରେ ଆଲୁଅ ଜାଳିବା ପାଇଁ ପାଖରେ ପଇସା ନ ଥାଏ ।ପ୍ୟାରିସରେ ପ୍ରବଳ ଶୀତ ।ଦେହ ହାତ ଅବଶ ହୋଇଯାଏ ।ତାଙ୍କ ପାଖରେ ଥିବା ଲୁଗାପଟା ଶୀତ ଦାଉରୁ ରକ୍ଷା କରିପାରେନା । ସତେଯେପରି ଉକ୍ଟ ଦାରିଦ୍ର୍ୟ ମହାବଳ ବାଘ ପରି ଶୀତ ରୂପରେ ତାଙ୍କୁ ମାଡ଼ିବସେ । ଏଭଳି ପରିସ୍ଥିତିରେ ମାନିଆଙ୍କର ପାଠପଢା କାର୍ଯ୍ୟ ଚାଲିଥିଲା । ଏଠାରେ ଲେଖକଙ୍କର ବର୍ଣ୍ଣନାଟି ସୁନ୍ଦର ହୋଇଛି ।

# ଗୃହକର୍ମ

ସରଳାର୍ଥ ପଢ଼ ଓ ମନେରଖ ।

# LEARNING OUTCOME:

ସରଳାର୍ଥ ଲିଖନ ଶୈଳୀ ବିଷୟରେ ଜାଣିବା ।

# THANKING YOU

# ODM EDUCATIONAL GROUP